# NATIONAL NEWS BULLETIN (ODIA)
## 27 March - 2024
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲ କରିବାର ଆଜି ହେଉଛି ଶେଷ ଦିବସ ।
- କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି ବିକଶିତ ଭାରତ ଗଠନ ଦିଗରେ ବ୍ୟବସାୟିକ ଗୋଷ୍ଠୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।
- ସ୍ନାତକ ପାଠ୍ୟକ୍ରମ ଲାଗି ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା-୨୦୨୪ ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ ଦରଖାସ୍ତ ଦାଖଲର ଶେଷଦିନକୁ ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।
- ରାମକ୍ରିଷ୍ଣ ମଠ ଏବଂ ରାମକ୍ରିଷ୍ଣ ମିଶନର ଅଧକ୍ଷ ଶ୍ରୀମଦ୍ ସ୍ୱାମୀ ସ୍ମରଣାନନ୍ଦଜୀ ମହାରାଜଙ୍କର ଗତକାଲି ରାତିରେ କୋଲକାତାଠାରେ ପରଲୋକ ଘଟିଛି ।

ଏବଂ

● ଆଇପିଏଲ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ’ ଗୁଜରାଟ ଟାଇଟନ୍ସ୍‌କୁ ୬୩ ରନ୍‌ରେ ପରାସ୍ତ କରିଛି ।

# ଫାଷ୍ଟ୍ ଫେଜ୍ ଇଲେକ୍ସନ

ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲ କରିବାର ଆଜି ହେଉଛି ଶେଷ ଦିବସ । ତେବେ ବିହାରରେ ଆସନ୍ତାକାଲି ପର୍ଯ୍ୟନ୍ତ ଏଥିଲାଗି ମନୋନୟନପତ୍ର ଦାଖଲ କରାଯାଇ ପାରିବ। ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ ହେବା ସହିତ ୩୦ ତାରିଖ ହେଉଛି ମନୋନୟନ ପତ୍ର ପ୍ରତ୍ୟାହାରର ଶେଷଦିନ । ସେହିଭଳି ବିହାରରେ ଆଗାମୀ ୩୦ ତାରିଖ ଦିନ ପ୍ରାର୍ଥୀପତ୍ର ଯାଞ୍ଚ ହେବ ଏବଂ ସେଠାରେ ପ୍ରତ୍ୟାହାରର ଶେଷଦିନ ହେଉଛି ଏପ୍ରିଲ୍ ୨ ତାରିଖ । ଏହି ପ୍ରଥମ ପର୍ଯ୍ୟାୟ ଲାଗି ଆସନ୍ତା ମାସ ୧୯ ତାରିଖରେ ମତଦାନ ହେବ । ଏହି ପର୍ଯ୍ୟାୟରେ ୧୭ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଲୋକସଭା ଲାଗି ଭୋଟ୍ ଗ୍ରହଣ କରାଯିବ । ତାମିଲନାଡୁର ୩୯ଟି ଲୋକସଭା ଆସନ ଲାଗି ଏହି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବାକୁ ଥିବା ବେଳେ ରାଜସ୍ଥାନର ୧୨ଟି, ଉତ୍ତରପ୍ରଦେଶର ୮ଟି ଏବଂ ମଧ୍ୟପ୍ରଦେଶର ୬ଟି ଆସନ ଲାଗି ମତଦାନ ହେବ । ସେହିଭଳି ଉତ୍ତରାଖଣ୍ଡ, ଆସାମ ଓ ମହାରାଷ୍ଟ୍ରର ୫ଟି ଲେଖାଏଁ ଆସନ, ବିହାରର ୪ଟି, ପଶ୍ଚିମବଙ୍ଗର ୩ଟି, ଅରୁଣାଚଳପ୍ରଦେଶ ଓ ମେଘାଳୟର ୨ଟି ଲେଖାଏଁ ଆସନ ଲାଗି ମତଦାନ

ହେବ । ଏହାଛଡ଼ା ଏହି ପର୍ଯ୍ୟାୟରେ ଛତିଶଗଡ଼, ମିଜୋରାମ, ନାଗାଲ୍ୟାଣ୍ଡ, ସିକିମ୍, ତ୍ରିପୁରା, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଜମ୍ମୁକାଶ୍ମୀର, ଲାକ୍ଷାଦ୍ୱୀପ ଓ ପୁଡୁଚେରୀର ଗୋଟିଏ ଲେଖାଏଁ ଆସନ ଲାଗି ମତଦାତାମାନେ ନିଜର ମତାଧିକାର ସାବ୍ୟସ୍ତ କରିବେ ।

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ଆସନ୍ତାକାଲି ବିଜ୍ଞପ୍ତି ପ୍ରକାଶ ପାଇବ । ଏହି ପର୍ଯ୍ୟାୟରେ କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୯ଟି ଆସନ ଲାଗି ମତଦାନ ହେବ ।

# ପିୟୁଷ ଗୋୟଲ

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି ବିକଶିତ ଭାରତ ଗଠନ ଦିଗରେ ବ୍ୟବସାୟିକ ଗୋଷ୍ଠୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗତକାଲି ମୁମ୍ବାଇଠାରେ ବାଣିଜ୍ୟିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଆଗାମୀ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଯଦି ପୁଣିଥରେ କ୍ଷମତାକୁ ଆସେ, ତେବେ ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ ହୋଇପାରିବ ବୋଲି ଶ୍ରୀ ଗୋୟଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସେ କହିଛନ୍ତି ଗତ ୧୦ବର୍ଷ ମଧ୍ୟରେ ଭାରତ ବିଶ୍ୱର ପଞ୍ଚମ ସର୍ବବୃହତ ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇପାରିଛି । ଏହା କେବଳ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ ଓ ସକାରାତ୍ମକ ଚିନ୍ତାଧାରା ଯୋଗୁଁ ସମ୍ଭବ ହୋଇପାରିଛି । ଗତ ଏକଦଶନ୍ଧି ମଧ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା

କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ସମାଜର ପ୍ରତ୍ୟେକ ବର୍ଗଙ୍କ ନିକଟରେ ପହଞ୍ଚିଥିବାରୁ ଜନସାଧାରଣ ନିଜକୁ ସୁରକ୍ଷିତ ମନେକରିବା ସହିତ ଦେଶରେ ଦୃତ ଆର୍ଥିକ ଅଭିବୃଦ୍ଧି ହାସଲ ହୋଇଛି । ଏହାଦ୍ୱାରା ପ୍ରଧାନମନ୍ତ୍ରୀଙ୍କର ବାର୍ତ୍ତା ସବ୍ କା ବିକାଶ ସାର୍ଥକ ହୋଇପାରିଛି ବୋଲି ଶ୍ରୀ ଗୋୟଲ ମତବ୍ୟକ୍ତ କରିଛନ୍ତି ।

# ସିୟୁଇଟି

ସ୍ନାତକ ପାଠ୍ୟକ୍ରମ ଲାଗି ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୨୦୨୪ ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ ଦରଖାସ୍ତ ଦାଖଲର ଶେଷଦିନକୁ ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ବିଶ୍ୱବିଦ୍ୟାଳୟ ମଂଜୁରୀ ଆୟୋଗର ଅଧ୍ୟକ୍ଷ ଏମ୍.ଜଗଦେଶ କୁମାର ଏହି ସୂଚନା ଦେଇଛନ୍ତି । ଦେଶବ୍ୟାପୀ କେତେକ ପରୀକ୍ଷାର୍ଥୀ ଏବଂ ଏଥିରେ ସଂପୃକ୍ତ ପକ୍ଷମାନଙ୍କର ଅନୁରୋଧକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଶ୍ରୀ କୁମାର କହିଛନ୍ତି । ଏହି ପ୍ରବେଶିକା ପରୀକ୍ଷା ଭାରତ ବାହାରେ ୨୬ଟି ସହର ସମେତ ମୋଟ୍ ୩୮୦ଟି ସହରରେ ଅନୁଷ୍ଠିତ ହେବ ।

# ତେଲଙ୍ଗାନା

ତେଲଙ୍ଗାନାରେ ଆସନ୍ତା ମେ ୧୩ ତାରିଖରେ ୧୭ଟିଯାକ ଲୋକସଭା ଆସନ ଲାଗି ମତଦାନ ଅନୁଷ୍ଠିତ ହେବ । ଆମ ସମ୍ବାଦଦାତା ଜଣାଇଛନ୍ତି

ଚଳିତଥର ଯୁବବର୍ଗ ଏବଂ ପ୍ରଥମଥର ଭୋଟ୍ ଦେଉଥିବା ମତଦାତାଙ୍କ ସମେତ ମହିଳା ଭୋଟରମାନେ ଏହି ନିର୍ବାଚନରେ ପ୍ରାର୍ଥୀମାନଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ । ରାଜ୍ୟରେ ପୁରୁଷ ଭୋଟରଙ୍କ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ । ରାଜ୍ୟର ମୋଟ୍ ୩ କୋଟି ୩୦ଲକ୍ଷ ମତଦାତାଙ୍କ ମଧ୍ୟରୁ ୧ କୋଟି ୬୫ ଲକ୍ଷ ହେଉଛନ୍ତି ମହିଳା ମତଦାତା । ତେବେ ପ୍ରଥମଥର ଲାଗି ଭୋଟ୍ ଦେବାକୁ ଥିବା ମତଦାତାଙ୍କ ମଧ୍ୟରେ ୪ଲକ୍ଷ ୮୨ ହଜାର ପୁରୁଷ ଥିବା ବେଳେ ୩ ଲକ୍ଷ ୮୪ ହଜାର ମହିଳା ଭୋଟର ଅଛନ୍ତି । ଏହି ୧୭ଟି ଆସନ ଲାଗି ରାଜ୍ୟବ୍ୟାପି ମୋଟ୍ ୧୯ ହଜାର ୩୫୬ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି । ୧୭ଟି ଆସନ ମଧ୍ୟରୁ ୩ଟି ଅନୁସୂଚିତ ଜାତି ଏବଂ ୨ଟି ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି । ରାଜ୍ୟର ମାଲକାଜଗିରି ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୩୧ ଲକ୍ଷ ମତଦାତା ରହିଥିବା ବେଳେ ମହାବୁବ୍‌ନଗରରେ ସର୍ବନିମ୍ନ ୧୪ ଲକ୍ଷ ୨୩ ହଜାର ଭୋଟେର ଅଛନ୍ତି । ଇତିମଧ୍ୟରେ ରାଜ୍ୟରେ ବି.ଆର୍.ଏସ୍., ବିଜେପି ଓ କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନୀ ପ୍ରଚାର ଆରମ୍ଭ ହୋଇଯାଇଛି ।

## ଆଇପିୟୁ

ଜେନେଭାରେ ଚାଲିଥିବା ଆନ୍ତଃ-ସଂସଦୀୟ ସମ୍ମିଳନୀ ଅବସରରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂଙ୍କ ନେତୃତ୍ୱରେ ଯାଇଥିବା ଭାରତୀୟ ସଂସଦୀୟ ଦଳ ସେମାନଙ୍କର ଆର୍ମେନିଆ ପ୍ରତିପକ୍ଷଙ୍କ ସହିତ

ଆଲୋଚନା କରିଛନ୍ତି । ଆର୍ମେନିଆ ଜାତୀୟ ଆସେମ୍ବ୍ଲିର ଉପସଭାପତି ହାକବ୍ ଆର୍ଶାକ୍ୟାନ୍ ଆର୍ମେନିଆ ସଂସଦୀୟ ଦଳର ନେତୃତ୍ୱ ନେଇଥିଲେ । ଏହି ଦ୍ୱିପକ୍ଷୀୟ ଆଲୋଚନା ଅବସରରେ ଶ୍ରୀ ହରିବଂଶ କହିଛନ୍ତି ଅର୍ଥନୈତିକ ଭାଗିଦାରୀ ସମେତ ବୈଷୟିକ କାରିଗରୀ କୌଶଳ, କୃଷି, ଅକ୍ଷୟଶକ୍ତି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ଥିବା ଅର୍ଥନୈତିକ ସଂପର୍କ ସହିତ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବାର ସମ୍ଭାବନା ରହିଛି । ଏହି ଗସ୍ତ ଅବସରରେ ଶ୍ରୀହରିବଂଶ ଆନ୍ତଃ-ସଂସଦୀୟ ୟୁନିୟନର ସଭାପତି ତୁଲିଆ ଆକ୍ସନଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ଭାରତୀୟ ପ୍ରତିନିଧି ଦଳରେ ଏସ୍. ନିରଞ୍ଜନ ରେଡ୍ଡୀ, ସୁଜିତ କୁମାର, ଅଶୋକ ମିତ୍ତଲ, ପ୍ରଶାନ୍ତ ନନ୍ଦ ଏବଂ ସୁମିତ୍ରା ସାମିଲ ହୋଇଛନ୍ତି ।

## ବ୍ରିଜ୍-ବାଲ୍ଟିମୋର୍

ଯୁକ୍ତରାଷ୍ଟ୍ର ଆମେରିକାର ବାଲ୍ଟିମୋର ଠାରେ ଏକ ଜାହାଜ ଧକ୍କା ଦେବା ଫଳରେ ଫ୍ରାନ୍ସିସ୍ ସ୍କଟ୍ କି' ବ୍ରିଜ୍ ଭୁଶୁଡ଼ି ପଡ଼ିଛି। ବାଲ୍‌ଟିମୋର୍‌ର ଅଗ୍ନିଶମ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ବ୍ରିଜ୍‌ରେ ମାଡ଼ ହେବା ପରେ ସମ୍ପୃକ୍ତ ଜାହାଜରେ ନିଆଁ ଲାଗି ଯାଇଥିଲା ଏବଂ ପରେ ଏହା ସେଠାରେ ବୁଡ଼ିଯାଇଥିଲା । ଫଳରେ  ଏହି ଦୁର୍ଘଟଣାରେ ଅନେକ ଲୋକ ନିଖୋଜ ହେବା ସହିତ ଯାନବାହନ ଗୁଡ଼ିକ ମଧ୍ୟ ନଦୀ ମଧ୍ୟରେ ବୁଡି ଯାଇଛି।  ଏହି ବ୍ରିଜ୍‌ଟିକୁ ମରାମତି କରିବା ସମୟରେ ପ୍ରାୟ ୮ଜଣ ଲୋକ ସେଠାରେ ବୁଡି ଯାଇଥିଲେ । ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ

ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ୬ ଜଣ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି ବୋଲି ଅଗ୍ନିଶମ ବିଭାଗ କହିଛି ।  ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏହି ବ୍ରିଜ୍‌ଟି ୧୯୭୦ ମସିହାରେ ନିର୍ମାଣ କରାଯାଇଥିଲା ।

# ବମ୍ବେ ଏଚ୍‌ସି-ନୋଟିଫିକେସନ

ମହାରାଷ୍ଟ୍ରର ଆକୋଲା ପଶ୍ଚିମ ବିଧାନସଭା ଆସନ ଲାଗି ଉପନିର୍ବାଚନ ନିମନ୍ତେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିକୁ ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚ ରଦ୍ଦ କରିଛନ୍ତି । ବିଚାରପତି ଅନୀଲ କିଲୋର ଏବଂ ବିଚାରପତି ଏମ୍.ଏସ୍. ଜାୱାଲକାରଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ବିଧାନସଭା ଆସନ ଲାଗି କୌଣସି ଉପନିର୍ବାଚନ ହେବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଅଦାଲତ କହିଛନ୍ତି ଚଳିତମାସ ୧୬ ତାରିଖ ଦିନ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଏହି ଆସନରୁ ନିର୍ବାଚିତ ହେବାକୁ ଥିବା ନୂତନ ପ୍ରତିନିଧିଙ୍କ କାର୍ଯ୍ୟକାଳ ୧ବର୍ଷରୁ କମ୍ ରହୁଥିବାରୁ ଏହା ଜନପ୍ରତିନିଧି ଆଇନର ଧାରା ୧୫୧-ଏ କୁ ଉଲ୍ଲଂଘନ କରୁଛି । ସ୍ଥାନୀୟ ଜଣେ ବାସିନ୍ଦାଙ୍କର ଏ ସଂପର୍କିତ ଏକ ଆବେଦନକୁ ବିଚାର କରି ଖଣ୍ଡପୀଠ ଏହି ରାୟ ଦେଇଛନ୍ତି । ଆକୋଲା ପଶ୍ଚିମ ବିଧାନସଭା ଆସନର ପ୍ରତିନିଧି ତଥା ବିଜେପି ବିଧାୟକ ଗୋବର୍ଦ୍ଧନ ଶର୍ମାଙ୍କର ଗତବର୍ଷ ନଭେମ୍ବର ମାସରେ ପରଲୋକ ଘଟିବା ପରେ ଏହି ଆସନଟି ଖାଲି ପଡ଼ିଛି ।

## ଆମ୍ବାସାଡାର-ମ୍ୟାଁମାର

ବରିଷ୍ଠ କୁଟନୀତିଜ୍ଞ ଅଭୟ ଠାକୁର ମିଆଁମାରରେ ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବେ ନିଯୁକ୍ତ ହୋଇଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ୍ ବିବୃତ୍ତିରେ ଏହି ସୂଚନା ଦିଆଯାଇଛି । ୧୯୯୨ ବ୍ୟାଚ୍‌ର ଭାରତୀୟ ବିଦେଶ ସେବା ଅଧିକାରୀ ଶ୍ରୀ ଠାକୁର ଖୁବ୍‌ଶୀଘ୍ର ତାଙ୍କର ନୂତନ ଦାୟିତ୍ୱ ଗ୍ରହଣ କରିବେ ବୋଲି ଆଶା କରାଯାଉଛି । ବର୍ତ୍ତମାନ ଶ୍ରୀ ଠାକୁର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟରେ ଓଏସ୍‌ଡି ରୂପେ କାର୍ଯ୍ୟ କରୁଛନ୍ତି । ଏଥିସହିତ ସେ ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ସ୍ମରଣାନନ୍ଦଜୀ

ରାମକ୍ରିଷ୍ଣ ମଠ ଏବଂ ରାମକ୍ରିଷ୍ଣ ମିଶନର ଅଧ୍ୟକ୍ଷ ଶ୍ରୀମଦ୍ ସ୍ୱାମୀ ସ୍ମରଣାନନ୍ଦଜୀ ମହାରାଜଙ୍କର ଗତକାଲି ରାତିରେ କୋଲକାତାଠାରେ ପରଲୋକ ଘଟିଛି । ଆଜି ସକାଳୁ ରାତି ୮ଟା ପର୍ଯ୍ୟନ୍ତ ତାଙ୍କର ପାର୍ଥିବ ଶରୀରକୁ ବେଲୁର୍ ମଠରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ରଖାଯିବ ଏବଂ ପରେ ସେଠାରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା କରାଯିବ । ସ୍ୱାମୀ ସ୍ମରଣାନନ୍ଦଜୀ ମହାରାଜଙ୍କର ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

# ଆଇପିଏଲ୍

ଆଇପିଏଲ୍‌ରେ ଗତକାଲି ଚେନ୍ନାଇସ୍ଥିତ ଏମ୍.ଏ ଚିଦାମ୍ବରମ୍ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ’ ଗୁଜରାଟ ଟାଇଟନ୍ସକୁ ୬୩ ରନ୍‌ରେ ପରାସ୍ତ କରିଛି । ଗୁଜରାଟ ଟାଇଟନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ଚେନ୍ନାଇ ସୁପର୍ କିଙ୍ଗସ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୨୦୬ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଶିବମ୍ ଦୁବେ ୬୩ଟି ବଲ୍‌ରୁ ୫୧ ରନ୍ କରିଥିବା ବେଳେ ଅଧିନାୟକ ଋତୁରାଜ ଗାଇକ୍ୱାଡ୍ ଏବଂ ରଚିନ ରବିନ୍ଦ୍ର ୪୬ ରନ୍ ଲେଖାଏଁ କରିଥିଲେ । ୨୦୭ ରନ୍ ବିଜୟ ଲକ୍ଷ୍ୟର ପିଛା କରି ଗୁଜରାଟ ଟାଇଟନ୍ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୧୪୩ ରନ୍ କରିବାକୁ ସକ୍ଷମ ହୋଇଥିଲା । ଚେନ୍ନାଇ ପକ୍ଷରୁ ଦୀପକ ଚହର, ତୁଷାର ଦେଶପାଣ୍ଡେ ଏବଂ ମୁସ୍ତାଫିଜ୍ ରହମନ୍ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ଶିବମ୍ ଦୁବେଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆଜି ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ସନରାଇଜର୍ସ ହାଇଦ୍ରାବାଦ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

# ମିଆଁମି ଓପନ୍

ମିଆଁମି ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ୍‌ର ପୁରୁଷ ଡବଲ୍‌ସ ବର୍ଗରେ ଭାରତର ରୋହନ ବୋପନ୍ନା ଏବଂ ଅଷ୍ଟ୍ରେଲିଆର ମାଥ୍ୟୁ ଏବ୍‌ଡେନ୍‌ଙ୍କ ଯୋଡ଼ି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଏହି ଯୋଡ଼ି କ୍ୱାର୍ଟର ଫାଇନାଲ୍‌ରେ ନେଦରଲ୍ୟାଣ୍ଡ୍‌ସର ସେମ୍ ଭର୍ବିକ୍ ଏବଂ ଅଷ୍ଟ୍ରେଲିଆର ଜନ୍ ପ୍ୟାଟ୍ରିକ୍ ସ୍ମିଥ୍ ଯୋଡ଼ିକୁ ୩-୪, ୭-୫ ଓ ୧୦-୭ ସେଟ୍‌ରେ ପରାସ୍ତ କରିଥିଲେ ।